# NATIONAL NEWS BULLETIN (ODIA)
## 31 July - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ

– ଭାରତୀୟ ସାମଗ୍ରୀ ଉପରେ ଘୋଷିତ ଆମେରିକୀୟ ଶୁଳ୍କର ପ୍ରଭାବ ଯାଞ୍ଚ କରୁଛନ୍ତି ସରକାର

- ପ୍ରଧାନମନ୍ତ୍ରୀ କିଶାନ ସମ୍ପଦ ଯୋଜନା ପାଇଁ ୬ ହଜାର ୫୨୦ କୋଟି ଟଙ୍କାର ବ୍ୟୟବରାଦକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ
- ଜାତୀୟ ଓ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିକାଶ ଲକ୍ଷ୍ୟ ହାସଲ ପାଇଁ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି
- ମିଆଁମାର ଜାତୀୟ ପ୍ରତିରକ୍ଷା ଏବଂ ସୁରକ୍ଷା ପରିଷଦ ଆଜି ଗଠନ କଲା ନୂତନ କେନ୍ଦ୍ର ସରକାର

ଏବଂ

- ଆଣ୍ଡରସନ୍–ତେନ୍ଦୁଲକର ଟେଷ୍ଟ ସିରିଜ୍‌ର ପଞ୍ଚମ ତଥା ଚୂଡ଼ାନ୍ତ ମ୍ୟାଚ୍‌ରେ ଭାରତର ବ୍ୟାଟିଂ ଜାରି

# ପାର୍ଲାମେଣ୍ଟ ଆଡଜର୍ଣ୍ଣଡ୍

ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା ହୋଇଛି। ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଉପରେ ଆଲୋଚନା ଦାବି କରି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ପରେ ଲୋକସଭାକୁ ଦୁଇଥର ଏବଂ ରାଜ୍ୟସଭାକୁ ତିନିଥର ମୁଲତବୀ କରାଯିବା ପରେ ଶେଷରେ ଆଜି ଦିନକ ପାଇଁ ମୁଲତବୀ ହୋଇଛି। ଅପରାହ୍ନ ୪ଟାରେ ଦ୍ୱିତୀୟଥର ମୁଲତବୀ ପରେ ଲୋକସଭାର ଅଧିବେଶନ ବସିବା ସମୟରେ କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ କହିଥିଲେ, ସରକାର ସମ୍ପ୍ରତି ଭାରତୀୟ ସାମଗ୍ରୀ ଉପରେ ଘୋଷିତ ଆମେରିକାର ୨୫ ପ୍ରତିଶତ ଶୁଳ୍କର ପ୍ରଭାବ ଯାଞ୍ଚ କରୁଛନ୍ତି। ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବେ ଏବଂ ଚାଷୀ, ଉଦ୍ୟୋଗୀ, ଏମ୍.ଏସ୍.ଏମ୍.ଏ. ଶିଳ୍ପ ସଂସ୍ଥା ସମେତ ସମସ୍ତ ଅଂଶୀଦାରଙ୍କ ପରାମର୍ଶ ନେଇ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ ବକ୍ତବ୍ୟ ରଖିଥିଲେ।

**V/O– PIYUSH-GOYAL**

ପରେ ବାଚସ୍ପତି ଓମ୍ ବିର୍ଲା ଶୂନ୍ୟକାଳ ଚଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ଦିନକ ପାଇଁ ମୁଲତବୀ ରଖିଥିଲେ।

ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ଅପରାହ୍ନ ସାଢ଼େ ୪ଟାରେ ଗୃହ ପୁନର୍ବାର ଆରମ୍ଭ ହେବା ପରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ ଭାରତୀୟ ସାମଗ୍ରୀ ଉପରେ ଆମେରିକା ଦ୍ୱାରା ଘୋଷଣା କରାଯାଇଥିବା ଶୁଳ୍କ ନେଇ ବିବୃତି ରଖିବା ପରେ ବିରୋଧୀଙ୍କ ପକ୍ଷରୁ ହଟ୍ଟଗୋଳ ଜାରି ରହିଥିଲା। ହଟ୍ଟଗୋଳ ଜାରି ରହିବାରୁ ଉପାଧ୍ୟକ୍ଷ ହରିବଂଶ ଗୃହକୁ ଦିନକୁ ପାଇଁ ମୁଲତବୀ ରଖିଥିଲେ। ପୂର୍ବରୁ ଆଜି ଉଭୟ ଲୋକସଭା ଓ ରାଜ୍ୟସଭାରେ ଅଧିବେଶନ ଆରମ୍ଭ ସମୟରେ ଉଭୟ ସଦନ ପକ୍ଷରୁ ଭୂ-ପର୍ଯ୍ୟବେକ୍ଷଣ ସାଟେଲାଇଟ୍ ନାସା–ଇସ୍ରୋ ସିନ୍ଥେଟିକ୍ ଆପର୍ଚର ରାଡାର ନିଶାର' ଉପଗ୍ରହର ସଫଳ ଉତ୍କ୍ଷେପଣ ପାଇଁ ଇସ୍ରୋ ଏବଂ ମହାକାଶ ବିଜ୍ଞାନୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

# କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍ ଆଜି ପ୍ରଧାନମନ୍ତ୍ରୀ କିଶାନ ସମ୍ପଦ ଯୋଜନା ପାଇଁ ୬ ହଜାର ୫୨୦ କୋଟି ଟଙ୍କାର ବ୍ୟୟବରାଦକୁ ଅନୁମୋଦନ କରିଛନ୍ତି। ଏଥିରେ ୧୯ ଶହ ୨୦ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ରହିଛି।

ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ଯୋଜନା ଅନ୍ତର୍ଗତ ୫୦ଟି ବହୁମୁଖୀ ଖାଦ୍ୟ ଉତ୍ପାଦ ୟୁନିଟ୍ ସ୍ଥାପନ ହେବା ପାଇଁ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାଛଡ଼ା ଖାଦ୍ୟ ସୁରକ୍ଷା ଏବଂ ଗୁଣବତ୍ତା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏନ୍.ଏ.ବି.ଏଲ୍ ମାନ୍ୟତା ସହ ୧୦୦ଟି ଖାଦ୍ୟ ପରୀକ୍ଷଣ ପ୍ରୟୋଗଶାଳା ସ୍ଥାପନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

**V/O-Aswhini Baishnab**

ଏତଦ୍‌ବ୍ୟତୀତ ପଞ୍ଚଦଶ ଆର୍ଥ ଆୟୋଗର ସୁପାରିସ ଅନୁସାରେ ପ୍ରଧାନମନ୍ତ୍ରୀ କିଶାନ ସମ୍ପଦ ଯୋଜନାର ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର ମଞ୍ଜୁରୀ ପାଇଁ ୯୨୦ କୋଟି ଟଙ୍କା ରହିଛି। ସମଗ୍ର ଦେଶର ବିଭିନ୍ନ ଯୋଗ୍ୟ ସଂସ୍ଥାଗୁଡ଼ିକୁ ପ୍ରସ୍ତାବ ଆମନ୍ତ୍ରଣ କରାଯିବା ପରେ ପ୍ରଚଳିତ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ଉପଯୁକ୍ତ ଯାଞ୍ଚ ପରେ ପ୍ରସ୍ତାବଗୁଡ଼ିକ ଅନୁମୋଦନ କରାଯିବ। କ୍ୟାବିନେଟ୍ ୨୦୨୫-୨୬ରୁ ୨୦୨୮-୨୯ ପର୍ଯ୍ୟନ୍ତ ଚାରି ବର୍ଷ ପାଇଁ ୨ ହଜାର କୋଟି ଟଙ୍କା ବ୍ୟୟବରାଦ ସହ କେନ୍ଦ୍ରୀୟ କ୍ଷେତ୍ର ଯୋଜନା 'ଜାତୀୟ ସମବାୟ ବିକାଶ ନିଗମ- ଏନ୍.ସି.ଡି.ସି.'କୁ ସହାୟତା ପାଇଁ ଅନୁଦାନକୁ ମଧ୍ୟ ଅନୁମୋଦନ କରିଛନ୍ତି। ଯାହାଫଳରେ ଏନ୍.ସି.ଡି.ସି. ଚାରି ବର୍ଷ ମଧ୍ୟରେ ଖୋଲା ବଜାରରୁ ୨୦ ହଜାର କୋଟି ଟଙ୍କା ସଂଗ୍ରହ କରିପାରିବ। ଏହି ପାଣ୍ଠି ଏନ୍.ସି.ଡି.ସି. ଦ୍ୱାରା ନୂତନ ପ୍ରକଳ୍ପ ସ୍ଥାପନ କିମ୍ବା ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ସମବାୟ ସଂସ୍ଥାଗୁଡ଼ିକ ଋଣ

ପ୍ରଦାନ ଏବଂ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା ପୂରଣ ପାଇଁ ଋଣ ପ୍ରଦାନ କରିପାରିବ। ଆର୍ଥିକ ବ୍ୟାପାର କ୍ୟାବିନେଟ୍ କମିଟି ଓଡ଼ିଶା ସମେତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡର ୧୩ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରି ଚାରୋଟି ମଲ୍ଟି ଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଯାହା ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱର୍କକୁ ୫୭୪ କିଲୋମିଟର ବୃଦ୍ଧି କରିବ। ପ୍ରକଳ୍ପଗୁଡ଼ିକର ମୋଟ୍ ଆନୁମାନିକ ମୂଲ୍ୟ ୧୧ ହଜାର ୧୬୯ କୋଟି ରହିଥିବାବେଳେ ୨୦୨୮-୨୯ ସୁଧା ଏହାକୁ ଶେଷ କରାଯିବାର ଲକ୍ଷ୍ୟ ରଖାଯାଇଛି।

## ଝାରଖଣ୍ଡ ପ୍ରେଜ୍- ଏମ୍ସ ଦେଓଘର

ଅଖିଳ ଭାରତ ଆର୍ୟୁବିଜ୍ଞାନ ସଂସ୍ଥା– ଏମ୍ସ ଦେଓଘର ପ୍ରତିଷ୍ଠା ଲାଭ କରିବାର ୬ ବର୍ଷ ମଧ୍ୟରେ ପାଞ୍ଚୋଟି ଆଦିବାସୀ ଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କରି ଉନ୍ନତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପ୍ରୟାସକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଶଂସା କରିଛନ୍ତି। ଝାଡ଼ଖଣ୍ଡସ୍ଥିତ ଏମ୍ସ ଦେଓଘରର ପ୍ରଥମ ସମାବର୍ତ୍ତନ ସମାରୋହରେ ଆଜି ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଷ୍ଟ୍ରପତି ଏମ୍ସ ଦେଓଘରର ପ୍ରଶଂସା କରିବା ସହ ଅନ୍ୟମାନଙ୍କ ପାଇଁ ଏହା ପ୍ରେରଣାଦାୟୀ ହୋଇପାରିଛି ବୋଲି କହିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି’ ସ୍ୱର୍ଣ୍ଣପଦକ ବିଜେତା ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ୫୦ ପ୍ରତିଶତରୁ ଅଧିକ ମହିଳା ପୁରସ୍କୃତ ହୋଇଥିବାରୁ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ। ସ୍ଥାୟୀ ବିକାଶ ଲକ୍ଷ୍ୟ

ଉପରେ ଧ୍ୟାନ ଦେଇ ରାଷ୍ଟ୍ରପତି’ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ ସମ୍ବନ୍ଧିତ ଚିକିତ୍ସାବୃତ୍ତିଧାରୀ ମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜାତୀୟ ଓ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ନିକଟସ୍ଥ ଅଞ୍ଚଳରେ ନବଜାତ ମୃତ୍ୟୁହାର, ଶିଶୁମାନଙ୍କଠାରେ କୁପୋଷଣ, ସିକିଲସେଲ୍ ଆନିମିଆ ଏବଂ ଥାଲାସିମିଆ ହ୍ରାସ କରିବାରେ ଏମ୍ସ ଦେଓଘରର ପ୍ରୟାସକୁ ମଧ୍ୟ ସେ ପ୍ରଶଂସା କରିଥିଲେ। କଳାଜର ରୋଗର ଶତପ୍ରତିଶତ ନିରାକରଣରେ ଦେଶର ସଫଳତା ବିଷୟ ଉଲ୍ଲେଖ କରି ରାଷ୍ଟ୍ରପତି ନୂତନ ଡାକ୍ତରମାନଙ୍କୁ ସମାଜ ପ୍ରତି ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ସହ ଦେଶରେ ଉନ୍ନତ ସ୍ୱାସ୍ଥ୍ୟସେବା ଉପଲବ୍ଧତାର ଆଲୋକବର୍ତ୍ତିକା ସାଜିବାକୁ ଆହ୍ୱାନ କରିଛନ୍ତି।

# ପିଏମ୍-ୟୁଏଇ ପ୍ରେଜ୍ କଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂଯୁକ୍ତ ଆରବଏମିରେଟ୍ସର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି, ଉଭୟ ନେତା ଭାରତ ଏବଂ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ବ୍ୟାପକ ରଣନୈତିକ ସହଭାଗିତାକୁ ସଶକ୍ତ କରିବା ନେଇ ସେମାନଙ୍କର ପାରସ୍ପରିକ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ବାର୍ତ୍ତାଳାପ ସମୟରେ ୟୁଏଇ ରାଷ୍ଟ୍ରପତି ଶ୍ରୀ ମୋଦୀଙ୍କୁ ଭାରତ ଇତିହାସରେ ଦ୍ୱିତୀୟ ସର୍ବାଧିକ ଦୀର୍ଘକାଳୀନ ପ୍ରଧାନମନ୍ତ୍ରୀ ହେବା ପାଇଁ ଅଭିନନ୍ଦନ ଜଣାଇବା ସହ ଦେଶ

ପ୍ରତି ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ନିରନ୍ତର ସଫଳତା କାମନା କରିଥିଲେ।

## ସୋଥେବି ବୁଦ୍ଧ ଜ୍ୱେଲ୍ସ

ବୁଦ୍ଧ ଅବଶେଷ ସହ ଜଡ଼ିତ ବୋଲି ବିଶ୍ୱାସ କରାଯାଉଥିବା ପବିତ୍ର ଅଳଙ୍କାରର ଏକ ସେଟ୍ ଭାରତକୁ ଫେରାଇ ଅଣାଯାଇଛି। ସୋଥେବି କମ୍ପାନୀ ପକ୍ଷରୁ ନିଲାମ ହୋଇଥିବା ଏହି ଅଳଙ୍କାରଗୁଡ଼ିକୁ ମୁମ୍ବାଇର ଗୋଡରେଜ୍ ଶିଳ୍ପଗୋଷ୍ଠୀ ଅଧିଗ୍ରହଣ କରିଛି। ଦୁଇ ମାସର ଆଲୋଚନା ପରେ ଏହି ଅଳଙ୍କାର ସେଟ୍ ଭାରତକୁ ଫେରି ଆସିଛି। ନିଲାମୀ କମ୍ପାନୀ ପକ୍ଷରୁ କୁହାଯାଇଛି, ଏହି ଅବଶେଷଗୁଡ଼ିକ ଏବେ ଭାରତରେ ସ୍ଥାୟୀ ସାର୍ବଜନୀନ ପ୍ରଦର୍ଶନ ପାଇଁ ଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସମ୍ପର୍କରେ ଗତ ବୁଧବାର ଘୋଷଣା କରି ଏହାକୁ ଗର୍ବ ଏବଂ ଆନନ୍ଦର ମୁହୂର୍ତ୍ତ ବୋଲି ଅଭିହିତ କରି ଏହା ଦେଶର ସାଂସ୍କୃତିକ ଐତିହ୍ୟର ବିଜୟ ବୋଲି କହିଥିଲେ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହି ଅବଶେଷଗୁଡ଼ିକ ଦୀର୍ଘ ୧୨୭ ବର୍ଷ ପରେ ଘରକୁ ଫେରିଆସୁଛି।

## ମିଆଁମାର ନ୍ୟୁ ଗଭର୍ଣ୍ମେଣ୍ଟ

ମିଆଁମାରର ଜାତୀୟ ପ୍ରତିରକ୍ଷା ଏବଂ ସୁରକ୍ଷା ପରିଷଦ ଏନ୍.ଡି.ଏସ୍.ସି. ଆଜି ଏକ ନୂତନ କେନ୍ଦ୍ର ସରକାର ଏବଂ ରାଜ୍ୟ ସୁରକ୍ଷା ଓ ଶାନ୍ତି କମିଶନ

ଗଠନ କରିଛି। ମିଆଁମାର ରେଡିଓ ଏବଂ ଟେଲିଭିଜନ ଅନୁଯାୟୀ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ୟୁ ନ୍ୟୋ ସାଙ୍ଗ୍'ଙ୍କ ନେତୃତ୍ୱରେ ପରିଚାଳିତ ହେଉଥିବା ବେଳେ ରାଜ୍ୟ ସୁରକ୍ଷା ଏବଂ ଶାନ୍ତି କମିଶନର ଅଧ୍ୟକ୍ଷ ଭାବେ ବରିଷ୍ଠ ଜେନେରାଲ ମିନ୍ ଅଙ୍ଗ୍ ହ୍ଲାଇଙ୍ଗ ଭାବେ କାର୍ଯ୍ୟ କରୁଛନ୍ତି। ଏନ୍.ଡି.ଏସ୍.ସି' ପ୍ରତିରକ୍ଷା ସେବାର କମାଣ୍ଡର ଇନ୍ ଚିଫ୍‌ଙ୍କୁ ସାର୍ବଭୌମ୍ୟ କ୍ଷମତା ହସ୍ତାନ୍ତର ସଂକ୍ରାନ୍ତ ଆଦେଶକୁ ମଧ୍ୟ ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ସାଧାରଣ ନିର୍ବାଚନ କରିବା ପାଇଁ ଦେଶରେ ଜରୁରୀକାଳୀନ ପରିସ୍ଥିତି ସମାପ୍ତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଫେବୃଆରୀ ୨୦୨୧ରେ ମିଆଁମାରର ତତ୍କାଳୀନ କାର୍ଯ୍ୟକାରୀ ରାଷ୍ଟ୍ରପତି ୟୁ ମିଣ୍ଟ ସ୍ୱେ ଏକବର୍ଷର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଏବଂ ପ୍ରତିରକ୍ଷା ସେବାର କମାଣ୍ଡର ଇନ୍ ଚିଫ୍‌ଙ୍କୁ ସାର୍ବଭୌମ୍ୟ କ୍ଷମତା ହସ୍ତାନ୍ତର କରିଥିଲେ।

## କ୍ରିକେଟ୍

ଆଣ୍ଡରସନ୍-ତେନ୍ଦୁଲକର ଟେଷ୍ଟ ସିରିଜ୍‌ର ପଞ୍ଚମ ତଥା ଚୂଡ଼ାନ୍ତ ମ୍ୟାଚ୍ ଲଣ୍ଡନର ଓଭାଲରେ ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ' ଇଂଲଣ୍ଡ ବିପକ୍ଷରେ ତା'ର ପ୍ରଥମ ଇନିଂସରେ ୨ ୱିକେଟ୍ ହରାଇ ୭୨ ରନ୍ ସଂଗ୍ରହ କରିଛି। ସାଇ ସୁଦର୍ଶନ ୨୫ ରନ୍ ଏବଂ ଶୁଭମନ ଗିଲ୍ ୧୫ ରନ୍ କରି ଅପରାଜିତ ଅଛନ୍ତି।

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ଏହି ଚୂଡ଼ାନ୍ତ ମ୍ୟାଚ୍ ଭାରତ ପାଇଁ ନିର୍ଣ୍ଣାୟକ ହୋଇପଡ଼ିଛି । ଶୃଙ୍ଖଳା ପରଜାୟରୁ ବର୍ତ୍ତିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ନିଶ୍ଚୟ ଜିତିବାକୁ ପଡ଼ିବ । ପୂର୍ବରୁ ଇଂଲଣ୍ଡ ଟସ୍ ଜିତି ବୋଲିଂର ନିଷ୍ପତ୍ତି ନେଇଥିଲା । ଏହି ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି ।

## ମକାଉ ଓପନ୍

ବ୍ୟାଡମିଣ୍ଟନରେ ଭାରତର ଥରୁନ୍ ମାନ୍ନେପାଲି ଏବଂ ଲକ୍ଷ୍ୟ ସେନ୍ ମକାଉ ଓପନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗିଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ଥରୁନ୍ ହଂକଂର ଲି’ ଚେଉକ୍ ୟୁ’ଙ୍କୁ ୧୯-୨୧, ୨୧-୧୪ ଏବଂ ୨୨-୨୦ରେ ପରାସ୍ତ କରିଥିବାବେଳେ ଲକ୍ଷ୍ୟ ସେନ୍ ଇଣ୍ଡୋନେସିଆର ଚିକ ଆଉରା ଡ୍ୱି ଓ୍ୱାର୍ଡୋୟୋଙ୍କୁ ୨୧-୧୪, ୧୪-୨୧ ଏବଂ ୨୧-୧୭ରେ ପରାସ୍ତ କରିଛନ୍ତି ।